# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 March – 2025**

---

## ତୋଷାଳୀ ମେଳା

ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଊନବିଂଶ ତୋଷାଳୀ ଜାତୀୟ ହସ୍ତତନ୍ତ ମେଳା-୨୦୨୫କୁ ଗତକାଲି ସଂଧ୍ୟାରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତର ସଂରକ୍ଷଣ ସହ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପଇଁ ଏହା ହେଉଛି ଉତ୍କୃଷ୍ଟ ବଜାର ।

**V/o-**

ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ତୋଷାଳି ମେଳାରେ ୬୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିଛି । ଚଳିତ ବର୍ଷ 'ଶିଳ୍ପ ସୃଜନୀ' ଥିମ୍ ପାଭିଲିୟନ୍ ପ୍ରସ୍ତୁତ କରାଯାଇଛି ।

## ଅଶ୍ୱିନୀ ବୈଷ୍ଣବ-ପ୍ରୋତ୍ସାହନ ଯୋଜନା

କମ୍ ମୂଲ୍ୟର ଭିମ୍-ୟୁପିଆଇ କାରବାରକୁ ପ୍ରୋତ୍ସାହନ ଦେବାପାଇଁ କେନ୍ଦ୍ର ସରକାର ଗତକାଲି ଆଉ ଏକବର୍ଷ ବୃଦ୍ଧି କରିଛନ୍ତି । ଏହି ଯୋଜନା ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସରକାର ଏଥିପାଇଁ ଅଧିକ ୧ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବେ

ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ହୋଇଥିବା କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ଅନୁସାରେ ଏହି ଯୋଜନାରେ ରୂପେ କ୍ରେଡିଟ କାର୍ଡ ଏବଂ ଭିମ୍-ୟୁପିଆଇ ଜରିଆରେ ୨ହଜାର ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରତି ଦେଣନେଣ ମୂଲ୍ୟରେ ଶୂନ ଦଶମିକ ୧/୫ ପ୍ରତିଶତ ହାରତରେ ପ୍ରୋତ୍ସାହନ ରାଶି ଦିଆଯିବ । ଚଳିତବର୍ଷ ଫେବୃୟାରୀ ମାସରେ ଦେଶରେ ୧ହଜାର ୬୧୧ କୋଟି ସଂଖ୍ୟକ ୟୁପିଆଇ କାରବାର ହୋଇଛି । ୟୁପିଆଇ କାରବାର ମାଧ୍ୟମରେ ୨୧ଲକ୍ଷ ୯୬ କୋଟି ଟଙ୍କା ମୂଲ୍ୟର କାରବାର ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଧାନସଂଗ୍ରହ

ଚଳିତ ଆର୍ଥିକ ବର୍ଷରେ ଖରିଫ ଋତୁ ପାଇଁ ୭୬ଲକ୍ଷ ଟନ୍ ଓ ରବି ଋତୁ ପାଇଁ ୧୪ଲକ୍ଷ ଟନ୍ ଧାନସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଗତକାଲି ବିଧାନସଭାରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି ସଂଗୃହୀତ ଧାନରୁ ସମାନୁପାତିକ ୬୧ଲକ୍ଷ ଟନ୍ ଚାଉଳ ମଧ୍ୟରୁ ୨୬ଲକ୍ଷ ଟନ୍ ଚାଉଳ ଜାତୀୟ ଖାଦ୍ୟ ସୁରକ୍ଷା ନୀତି, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯାଉଛି । ବଳକା ଚାଉଳ ଏଫ୍‌ସିଆଇକୁ ଦିଆଯାଉଛି ।

## ବିଜ୍ଞପ୍ତି ପ୍ରକାଶ

ଜାତୀୟ ଫରେନ୍‌ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ଖୋର୍ଦ୍ଧା ଜିଲ୍ଲାରେ ପ୍ରତିଷ୍ଠା କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜାତୀୟ ଫରେନ୍‌ସିକ ସାଇନ୍ସ ୟୁନିଭରସିଟି ଆକ୍ଟ-୨୦୨୦ ଅନୁଯାୟୀ ଏହି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯିବ । ମହାରାଷ୍ଟ୍ରର ନାଗପୁର ଓ ଛତିଶଗଡର ରାୟପୁରରେ ଜାତୀୟ ଫରେନ୍‌ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରହିଛି । ଏହା ଦେଶର ତୃତୀୟ କ୍ୟାମ୍ପସ ଭାବେ ସ୍ଥାପନ କରାଯିବ ।

## ବୈଷୟିକ ଡିଜିଟାଲ ହବ୍

ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ପୁରୀରେ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ କରିବାକୁ ପଦକ୍ଷେପ ନେଉଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତକାଲି ଏ ସମ୍ପର୍କରେ ପ୍ରସ୍ତୁତ କରାଯାଉଥିବା ପ୍ରକଳ୍ପର ରୂପରେଖର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ୩ବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ଡିଜିଟାଲ ଭିତ୍ତିଭୂମି ଉଲ୍ଲେଖନୀୟ ଭାବେ ବୃଦ୍ଧି ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ଆହୁଜା କହିଛନ୍ତି ।

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବସୁନ୍ଧରା ଯୋଜନାରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୧ହଜାର ୬୪୩ଜଣ ଯୋଗ୍ୟ ଭୂମିହୀନଙ୍କୁ ତୁରନ୍ତ ଜମିପଟା ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ କହିଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାରୀ ଜମିରେ ବେଆଇନ କୋଠା ନିର୍ମାଣକୁ ଚିହ୍ନଟ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ କୁହାଯାଇଛି ।

## ସାଇକଲ ଯାତ୍ରା

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ-ଏନ୍‌ସିସି ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁରୀରୁ ଆରମ୍ଭ ହୋଇଥିବା ସାଇକଲ ଯାତ୍ରା ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ପହଞ୍ଚିଛି । ଏନ୍‌ସିସି କମାଣ୍ଡିଂ ଅଧିକାରୀ ମେଜର ଆଶୁତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ଆସିଥିବା ୨୦ଜଣ କ୍ୟାଡେଟ୍ ମହିଳା ସଶକ୍ତିକରଣ, ସଡ଼କ ନିରାପତ୍ତା, ସାଇବର କ୍ରାଇମ୍ ଆଦି ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରାଇଥିଲେ ।

# ବିଶ୍ୱ ଘରଚଟିଆ ଦିବସ

ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ ପକ୍ଷୀ । ସନ୍ତୁଳନ ହରାଇଥିବା ପରିବେଶ, ଜଙ୍ଗଲ ହ୍ରାସ, ରାସାୟନିକ ସାରର ବ୍ୟବହାର ସହିତ ଅନେକ କାରଣ ଯୋଗୁଁ ଘରଚଟିଆ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି ଏବଂ ସେମାନଙ୍କର ବଂଶ ପ୍ରାୟ ଲୋପ ପାଇଲାଣି । ଘରଚଟିଆ ପକ୍ଷୀଙ୍କ ବଂଶରକ୍ଷା ଏବଂ ପରିବେଶକୁ ସନ୍ତୁଳନ କରିବା ପାଇଁ ଆଜିର ଦିନକୁ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳନ କରାଯାଉଛି । ଦିଲ୍ଲୀ ସରକାର ୨୦୧୨ ମସିହାରେ ଘରଚଟିଆ ପକ୍ଷୀଙ୍କୁ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ଏବଂ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ ଏବଂ ମୟୂରଭଞ୍ଜ ଜିଲ୍ଲାକୁ କାଳବୈଶାଖୀ ପ୍ରଭାବ ରହିବ ।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ଜଙ୍ଗଲ ନିଆଁକୁ ରୋକିବା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି ।